**ମୁଥୁ ଗୌଣ୍ଡର**

**ବନାମ**

**ଅମ୍ମାୟୀ ଅମ୍ମାଲ୍**

**ଜୁଲାଇ 9, 2002**

**[ସୟଦ୍ ଶାହ ମହମ୍ମଦ କାଦ୍ରୀ ଏବଂ ଏସ୍. ଏନ୍. ଭରିଅଭା ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 100 - ଦ୍ୱିତୀୟ ଆବେଦନ - ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ - ଯଦିଓ ଉଚ୍ଚ ନ୍ୟାୟାଳୟ ବିଚାର ପାଇଁ ଉଠିଥିବା ପ୍ରସଙ୍ଗଗୁଡ଼ିକୁ ପ୍ରକାଶ କରିଥିଲେ, ତେବେ ଏହା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଗଠନ ନକରି ଦ୍ୱିତୀୟ ଆବେଦନର ନିଷ୍ପତ୍ତି ନେଇଥିଲେ - ଏହା ବିଚାର କରାଯାଇଥିଲା ଯେ, ଏହା ସ୍ପଷ୍ଟ ଯେ ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନକୁ କେବଳ ସେତେବେଳେ ଗ୍ରହଣ କରିପାରିବେ ଯେତେବେଳେ ଏହା ସନ୍ତୁଷ୍ଟ ହେବେ ଯେ ଏହି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି - ଦ୍ୱିତୀୟ ଆବେଦନର ସ୍ମାରକପତ୍ରରେ ମାମଲାରେ ଥିବା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନକୁ ସଠିକ୍ ଭାବରେ ଉଲ୍ଲେଖ କରିବାକୁ ଆବେଦନକାରୀଙ୍କ ଉପରେ ଏକ ଦାୟିତ୍ୱ ନ୍ୟସ୍ତ କରାଯାଏ ଏବଂ ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଏହି ମାମଲାରେ ଅନ୍ତର୍ଭୁକ୍ତ ଅଛି, ତେବେ ସେହି ପ୍ରଶ୍ନକୁ ଗଠନ କରିବା ଆବଶ୍ୟକ - ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଗଠନ ନକରି ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ହସ୍ତକ୍ଷେପ କରିବା ଗ୍ରହଣୀୟ ନୁହେଁ ଏବଂ ବଜାୟ ରଖିବା ଯୋଗ୍ୟ ନୁହେଁ - ଆଇନ ଅନୁଯାୟୀ ସମାଧାନ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଯାଇଛି।*

*ଶଙ୍କରପ୍ପା ଏମ୍. ମୁତାଙ୍କି ବନାମ ବି. ଏମ୍. ମୁତାଙ୍କି,* **[2000] 9 SCC 254** *ଏବଂ ବୀରେନ୍ଦ୍ର କୁମାର ଦୁବେ ଏବଂ ଅନ୍ୟ ଜଣେ ବନାମ ଗିର୍ଜା ନନ୍ଦନ ଦୁବେ ଏବଂ ଅନ୍ୟମାନେ,* **[2001] 6 SCC 767 ମାମଲାଦ୍ୱୟ ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3717/2002 ।

ଦ୍ୱିତୀୟ ଆବେଦନ ସଂଖ୍ୟା 1748/2000 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ 20.8.2001 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଭି. ପ୍ରଭାକର୍, ରାକେଶ ଗାର୍ଗ୍ ଏବଂ ଏମ୍. କେ. ଡି. ନାମ୍ବୁଦିରି ।

ଉତ୍ତରଦାତାଙ୍କ ତରଫରୁ ଏସ୍. ଅରବିନ୍ଦ୍ ଏବଂ ଭି. ବାଳଚନ୍ଦ୍ରନ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ପକ୍ଷମାନଙ୍କ ତରଫରୁ ବିଜ୍ଞ ଓକିଲମାନଙ୍କୁ ଶୁଣିଲୁ ।

ଅନୁମତି ମଞ୍ଜୁର କରାଗଲା ।

ଅଗଷ୍ଟ 20, 2001 ର ଦ୍ୱିତୀୟ ଆବେଦନ ସଂଖ୍ୟା 1748/2000 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଆବେଦନ କରାଯାଇଛି ।

ଆପତ୍ତି କରାଯାଇଥିବା ରାୟର ବିସ୍ତୃତ ବିବରଣୀ ଆମ୍ଭଙ୍କୁ ଦିଆଯାଇଛି । ଏହା ସ୍ପଷ୍ଟ ଯେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 100 ର ସଂଶୋଧିତ ବ୍ୟବସ୍ଥାଗୁଡ଼ିକୁ ଅଣଦେଖା କରି ଦ୍ୱିତୀୟ ଆବେଦନର ଫଏସଲା କରିଛନ୍ତି ଯେହେତୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଗଠନ କରାଯାଇନାହିଁ ଯାହାକି ତାହା ଅଧୀନରେ ବାଧ୍ୟତାମୂଳକ ଅଟେ । ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 100 ନିମ୍ନମତେ ଅଛି:

"100. **ଦ୍ୱିତୀୟ ଆବେଦନ** - (1) ଯଦି ଏହି ସଂହିତା କିମ୍ବା ଅନ୍ୟ କୌଣସି ପ୍ରଚଳିତ ଆଇନରେ ଅନ୍ୟଥା ସ୍ପଷ୍ଟ ଭାବେ ବ୍ୟବସ୍ଥା କରାଯାଇନାହିଁ, ତେବେ ଉଚ୍ଚ ନ୍ୟାୟାଳୟଙ୍କ ଯେକୌଣସି ଅଧସ୍ତନ ନ୍ୟାୟାଳୟଙ୍କ ଦ୍ୱାରା ଆବେଦନରେ ପାରିତ ପ୍ରତ୍ୟେକ ଡିକ୍ରିରୁ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇପାରିବ, ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହେବେ ଯେ ସେହି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି ।

(2) ଏହି ଧାରା ଅଧୀନରେ *ଏକ ତରଫା* ଭାବେ ପାରିତ ହୋଇଥିବା ଏକ ଅପିଲୀୟ ଡିକ୍ରିରୁ ଏକ ଆବେଦନ କରାଯାଇପାରେ ।

(3) ଏହି ଧାରା ଅଧୀନରେ ଏକ ଆବେଦନରେ, ଆବେଦନ ସ୍ମାରକ ପତ୍ରଟି ଆବେଦନରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନକୁ ସଠିକ୍ ଭାବରେ ଉଲ୍ଲେଖ କରିବା ଉଚିତ୍ ।

(4) ଯେବେ ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଏକ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି, ତେବେ ଏହା ସେହି ପ୍ରଶ୍ନକୁ ଗଠନ କରିବା ଉଚିତ।

(5) ଏହିପରି ଗଠନ ହୋଇଥିବା ପ୍ରଶ୍ନ ଉପରେ ଆବେଦନର ଶୁଣାଣି ହେବ ଏବଂ ଆବେଦନ ଶୁଣାଣି ସମୟରେ, ଉତ୍ତରଦାତାଙ୍କୁ ଯୁକ୍ତି କରିବାକୁ ଅନୁମତି ଦିଆଯିବ ଯେ ଏହି ମାମଲାରେ ଏପରି ପ୍ରଶ୍ନ ଅନ୍ତର୍ଭୁକ୍ତ ନାହିଁ:

ଉଲ୍ଲେଖଥାଉକି, ଏହି ଉପ-ଧାରାର କୌଣସି ବିଷୟ ଅନ୍ୟ କୌଣସି ଗଠନ ହୋଇନଥିବା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଉପରେ ନ୍ୟାୟାଳୟଙ୍କ ଆବେଦନ ଶୁଣାଣି (ଯାହାର କାରଣଗୁଡ଼ିକ ରେକର୍ଡ଼ କରାଯିବ) କରିବାର କ୍ଷମତାକୁ ଅପସାରଣ କିମ୍ବା ସୀମିତ କରେ ବୋଲି ବିବେଚନା କରାଯିବ ନାହିଁ, ଯଦି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଏହି ମାମଲାରେ ଏପରି ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି।

ଉପୋରକ୍ତ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କଲେ, ଏହା ସ୍ୱଷ୍ଟ ଯେ ଉଚ୍ଚ ନ୍ୟାୟାଳୟ ଏକ ଦ୍ୱିତୀୟ ଆବେଦନକୁ କେବଳ ସେବେ ହିଁ ଗ୍ରହଣ କରିପାରିବେ ଯଦି ଏହା ସନ୍ତୁଷ୍ଟ ହେବେ ଯେ *ମାମଲାଟି ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରେ* । ଦ୍ୱିତୀୟ ଆବେଦନର ସ୍ମାରକପତ୍ରରେ ମାମଲାରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନକୁ ସଠିକ୍ ଭାବରେ ଉଲ୍ଲେଖ କରିବାକୁ ଆବେଦନକାରୀଙ୍କ ଉପରେ ଏକ ଦାୟିତ୍ୱ ନ୍ୟସ୍ତ କରାଯାଏ ଏବଂ ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଏହି ମାମଲାରେ ଅନ୍ତର୍ଭୁକ୍ତ ଅଛି, ତେବେ ସେହି ପ୍ରଶ୍ନକୁ ଗଠନ କରିବା ଆବଶ୍ୟକ। ସେହି ପ୍ରଶ୍ନ ଉପରେ ଆବେଦନ ଶୁଣାଣିର ଆବଶ୍ୟକତା ରହିଛି, ଯଦିଓ ଏହି ମାମଲାରେ ଏପରି କୌଣସି ପ୍ରଶ୍ନ ଅନ୍ତର୍ଭୁକ୍ତ ନାହିଁ ବୋଲି ଉତ୍ତରଦାତାଙ୍କୁ ଯୁକ୍ତି କରିବାକୁ ଅନୁମତି ଦିଆଯାଇଛି। ତଥାପି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଠନ କରାଯାଇନଥିବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଉପରେ ଶୁଣାଣି କରିବାର କ୍ଷମତା ଏହାର ଅଛି, ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହେବେ ଯେ ଏହି ମାମଲାରେ ଏହିପରି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅନ୍ତର୍ଭୁକ୍ତ ଅଛି ଏବଂ ଏହି କ୍ଷେତ୍ରରେ ଏହା ତାହାର କାରଣଗୁଡ଼ିକୁ ରେକର୍ଡ଼ କରିବେ । ଏହି ନ୍ୟାୟାଳୟ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 100 ର ଆବଶ୍ୟକତାକୁ ଅନେକ ଥର ଦୋହରାଇଛନ୍ତି। [*ଶଙ୍କରପ୍ପା ଏମ୍. ମୁତାଙ୍କି ବନାମ ବି. ଏମ୍. ମୁତାଙ୍କି*, [2000] 9 SCC 254 ଏବଂ *ବୀରେନ୍ଦ୍ର କୁମାର ଦୁବେ ଏବଂ ଅନ୍ୟ ଜଣେ ବନାମ ଗିର୍ଜା ନନ୍ଦନ ଦୁବେ ଏବଂ ଅନ୍ୟମାନେ*, [2001] 6 SCC 767 ମାମଲାଦ୍ୱୟକୁ ଦେଖନ୍ତୁ।]

ଯଦିଓ ଏହି ମାମଲାରେ ବିଜ୍ଞ ନ୍ୟାୟମୂର୍ତ୍ତି କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଗଠନ କରିବାରେ ବିଫଳ ହୋଇଥିଲେ, ତେବେ ସେ ବିଚାର ପାଇଁ ଉଠିଥିବା ପ୍ରସଙ୍ଗଗୁଡ଼ିକୁ ପ୍ରକାଶ କରିଥିଲେ ଏବଂ ତଦନୁସାରେ ଆବେଦନର ନିଷ୍ପତ୍ତି ନେଇଥିଲେ । ଏତଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଗଠନ ନକରି ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ହସ୍ତକ୍ଷେପ କରିବା ଗ୍ରହଣୀୟ ନୁହେଁ ଏବଂ ବଜାୟ ରଖିବା ଯୋଗ୍ୟ ନୁହେଁ ।

ମାମଲାଟିର ଏହି ଦୃଷ୍ଟିକୋଣକୁ ବିଚାର କରି, ଆମ୍ଭେ ଆପତ୍ତି କରାଯାଇଥିବା ରାୟ ଏବଂ ଆଦେଶକୁ ଖାରଜ କରୁଛୁ, ଦ୍ୱିତୀୟ ଆବେଦନ (ସଂଖ୍ୟା 1748/2000) କୁ ଉଚ୍ଚ ନ୍ୟାୟାଳୟଙ୍କ ଫାଇଲକୁ ପୁନରୁଦ୍ଧାର କରୁଛୁ ଏବଂ ଆଇନ ଅନୁଯାୟୀ ଫଏସଲା କରିବା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଉଛୁ । ତଦନୁସାରେ ଆବେଦନକୁ ମଞ୍ଜୁରୀ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନକୁ ମଞ୍ଜୁରୀ ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।